## ୧୬ ଶାଳଗଣ୍ଡି ଜବତ

ବୁଗୁଡ଼ା,(ଡି.ଏନ.ଏ.): ବୁଗୁଡ଼ା ବନ ବିଭାଗ ତରଫରୁ ଶୁକ୍ରବାର ସନ୍ଧ୍ୟାରେ ବିଭିନ୍ନ ଜଙ୍ଗଲରୁ ୫୦ ଘନଫୁଟର ୧୬ଟି ଶାଳଗଣ୍ଡି ଜବତ କରାଯାଇଛି। ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ କରଚୁଲି ଏଆର୍ଏଫ ଜଙ୍ଗଲ ମାଣିତରା ସେନାପତିରେ କେତେକ ଦୁର୍ବୃତ୍ତ କରତରେ ଶାଳଗଣ୍ଡିକୁ କାଟି ସାଇଜ କରୁଥିବା ବେଳେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରାଙ୍କ ନିର୍ଦ୍ଦେଶରେ ଭଞ୍ଜନଗର ମୋବାଇଲ ଷ୍ଟାଫ୍ ସହ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ସଦଳବଳ ପହଞ୍ଚି ୪୨ ଘନଫୁଟ ଶାଳଗଣ୍ଡି ଓ ସାଇଜ ଜବତ କରିଥିଲେ। ସେହିପରି କିରିଆମ୍ବା ଜଙ୍ଗଲରୁ ଦୁର୍ବୃତ୍ତମାନେ କାଠ ଚୋରିକରି ଲୁଚାଇ ରଖିଥିବା ୭ ଶାଳଗଣ୍ଡିକୁ ବନପାଳ ଭୋଲେଶ୍ୱର ମଲିକ, ରବୀନ୍ଦ୍ର ମଲିକ ପ୍ରମୁଖ ଯାଇ ୧୮ ଘନଫୁଟ ଶାଳ କାଠ ଜବତ କରିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି।



## ସଂକ୍ଷେପରେ

### ଉଦ୍ଧାର ହରିଣ ମୃତ

ପାରଳାଖେମୁଣ୍ଡି,୧୭।୪(ଡି.ଏନ୍.ଏ.): ମୋହନା ନିକଟସ୍ଥ ଅଠରନଳା ନଦୀକୁ ଶୁକ୍ରବାର ସନ୍ଧ୍ୟାରେ ପାଣି ପିଇବାକୁ ଆସିଥିବା ଏକ ହରିଣକୁ କିଛି କୁକୁର ଆକ୍ରମଣ କରିଥିଲେ। ମୋହନା ବନ ବିଭାଗ ଅଧିକାରିଣୀ କଳ୍ପନା ନାୟକ ଓ ତାଙ୍କ କର୍ମଚାରୀ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ହରିଣକୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ପରେ ହରିଣକୁ ଡାକ୍ତର ବନ ବିଭାଗକୁ ହସ୍ତାନ୍ତର କରିଥିଲେ। କିନ୍ତୁ ଶନିବାର ସକାଳେ ହରିଣର ମୃତ୍ୟୁ ଘଟିଛି। ବନ ବିଭାଗ ଅଧିକାରିଣୀ ନାୟକ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଡାକି ହରିଣର ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପୋତି ଦିଆଯାଇଛି।

### ବସ ଓଲଟି ୧୦ ଆହତ

କବିସୂର୍ଯ୍ୟନଗର,୧୭।୪:ପୋଲସରାରୁ ଆସିକା ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଶନିବାର ମଧ୍ୟାହ୍ନରେ ଭାରସାମ୍ୟ ହରାଇ ଏକ ପୋଲରେ ପିଟି ହୋଇ ରାସ୍ତା କଡ଼ରେ ଓଲଟି ପଡିଥିଲା। ସେଥିରେ ବସିଥିବା ୨୦ଯାତ୍ରୀଙ୍କ ମଧ୍ୟରୁ ୧୦ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା ପରେ ନିଜ ଘରକୁ ଫେରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ପୋଲିସ ଜବତ ରଖିବା ସହ ଗାଡ଼ି ଚାଳକ, ହେଲପରଙ୍କୁ ଅଟକ ରଖାଯାଇଛି।

### ବିରାଜମାନ କଲେ ଗଣେଶ

ଜଗନ୍ନାଥପ୍ରସାଦ,୧୭।୪(ଡି.ଏନ.ଏ.): ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଶୁକ୍ରବାର ଜଗନ୍ନାଥପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଘ୍ନ ବିନାଶକ ଶିବପୁତ୍ର ଶ୍ରୀ ଗଣେଶଙ୍କ ନୂତନ ବିଗ୍ରହ ତଥା ସିଂହାସନ ଆରୋହଣ ପ୍ରତିଷ୍ଠା ଉତ୍ସବ ପାଳନ ହୋଇଥିଲା। ଏହି ଯଜ୍ଞ ଆହୁତି ଉତ୍ସବରେ ରାଜନୀତି ବିଜ୍ଞାନ ମୁଖ୍ୟ ଡ.ଜୟଦେବ ଗୌଡ଼ ଓ ତାଙ୍କ ସହଧର୍ମିଣୀ ମଳୟ ଗୌଡ଼ କର୍ତ୍ତା ସାଜି ଯଜ୍ଞ ଆହୁତି ପ୍ରଦାନ କରିଥିବା ବେଳେ ପ୍ରଶାନ୍ତ ତ୍ରିପାଠୀ, ଦିଗାମ୍ବର ଷଡ଼ଙ୍ଗୀ, ରାଧାକାନ୍ତ ହୋତା ମନ୍ତ୍ର ଉଚ୍ଚାରଣ କରିଥିଲେ। ଉକ୍ତ ବିଦ୍ୟାଳୟର କର୍ମଚାରୀମାନଙ୍କ ଆର୍ଥିକ ସହାୟତାରେ ସାଢେ ଛଅ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମୂର୍ତ୍ତି ଓ ସିଂହାସନ ବାବଦରେ ପ୍ରାୟ ୨ ଲକ୍ଷ ୬୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା।

### ଗଞ୍ଜେଇ ଜବତ ମାମଲା
### ୪ ବର୍ଷ ପରେ ୨ ଗିରଫ

ଦିଗପହଣ୍ଡି,୧୭।୪(ଡି.ଏନ.ଏ.)- ଦିଗପହଣ୍ଡି ସହର ଉପକଣ୍ଠ ପେଟ୍ରୋଲ ପମ୍ପ ନିକଟରୁ ଗଞ୍ଜେଇ ଜବତ ମାମଲାରେ ୪ ବର୍ଷ ପରେ ସ୍ଥାନୀୟ ପୋଲିସ ଶନିବାର ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗିରୀଶ ଚନ୍ଦ୍ର ସାହୁ, ଝୁନା ବରାଡ। ଏ ନେଇ ନଂ.୫୦/୧୭ରେ ମାମଲା ରୁଜୁ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଯାଇଛି। ୨୦୧୭ରେ ପୋଲିସ ପାଟ୍ରୋଲି ବେଳେ ଏକ ମକା ବୋଝେଇ ପିକ୍‌ଅପ୍ ଭ୍ୟାନକୁ ଅଟକାଇ ୨୦ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତ ଦ୍ୱୟ ଫେରାର ଥିଲେ।

# ଜାତୀୟ ରାଜପଥ କାମ ବିଳମ୍ବକୁ ନେଇ ଉତ୍ତେଜନା

ଦାରିଙ୍ଗବାଡ଼ି,୧୭।୪(ଡି.ଏନ୍.ଏ.)



ଆନ୍ଦୋଳନକାରୀମାନେ ଠିକାସଂସ୍ଥାର ଗାଡ଼ି ଅଟକାଇ ସଂସ୍ଥାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଦେଇ ସଂଯୋଗ ହୋଇଥିବା ଗୋପାଳପୁର-ରାଇପୁର ୫୯ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ବିଳମ୍ବକୁ ନେଇ ଶନିବାର ସିମନବାଡ଼ିଠାରେ କାମ କରୁଥିବା ଠିକାସଂସ୍ଥାର ଏକାଧିକ ଗାଡ଼ିକୁ ଅଞ୍ଚଳବାସୀ ଅଟକ ରଖି ଆନ୍ଦୋଳନ କରିଥିଲେ। ପରେ ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଅଟକ ଗାଡ଼ିଗୁଡ଼ିକୁ ଛାଡ଼ିବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ପରେ ଆନ୍ଦୋଳନକାରୀ ଗାଡ଼ିଗୁଡ଼ିକୁ ଛାଡ଼ି ଦେଇଥିଲେ। ଦୀର୍ଘଦିନ ହେଲା ଠିକାସଂସ୍ଥାର ମନମୁଖି କାର୍ଯ୍ୟ ସମ୍ପର୍କରେ ବିକ୍ଷୋଭକାରୀମାନେ ଆଇଆଇସି ମାଝିଙ୍କୁ ଅବଗତ କରିବା ପରେ ଆଇଆଇସି ତୁରନ୍ତ ଠିକାସଂସ୍ଥାର ପ୍ରକଳ୍ପ ଅଧିକାରୀ ପଞ୍ଚାନନ ଦାସଙ୍କୁ ସିମନବାଡ଼ି ଡକାଇ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ।

ସିମନବାଡ଼ି ବଜାର ଛକ ସମ୍ପ୍ରସାରଣ ପାଇଁ ରାଜପଥ ବିଭାଗକୁ ଅଟକଳ ପଠାଯାଇଛି। ତାହା ଅନୁମୋଦନ ପରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ କରାଯିବ ବୋଲି ଠିକାସଂସ୍ଥା ପକ୍ଷରୁ କୁହାଯାଇଥିଲା। ତେବେ ଆନ୍ଦୋଳନକାରୀମାନେ ସେଠାରେ ଦାବି କରିଥିଲେ, ଯଦି ସମ୍ପ୍ରସାରଣ ପାଇଁ ଅନୁମୋଦନ ହୋଇନାହିଁ ତେବେ ଠିକା ସଂସ୍ଥା କିଭଳି ୨୦୨୦ ଜୁନ୍‌ରୁ ରାସ୍ତାକଡ଼ରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କରିଛି। ଏଥିପାଇଁ ଠିକାସଂସ୍ଥାର ଦାୟିତ୍ୱହୀନତାକୁ ଦାୟୀ କରି ଏହାର ଶୀଘ୍ର ସମାଧାନ କରା ନ ଗଲେ ପୁଣି ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ୧୧ ମାସ ଧରି ଉଠାଦୋକାନୀମାନେ ତାଙ୍କ ରୋଜଗାର ହରାଇ ବସିଥିବା ବେଳେ ଶୀଘ୍ର ସେମାନଙ୍କ ବ୍ୟବସ୍ଥା କରାଯାଉ ନ ହେଲେ ଠିକାସଂସ୍ଥା ପକ୍ଷରୁ ଉଠାଦୋକାନୀଙ୍କ ପରିବାର ପ୍ରତିପୋଷଣ ବ୍ୟବସ୍ଥା କରୁ ବୋଲି ବିକ୍ଷୋଭକାରୀ କହିଛନ୍ତି। ରବିବାର ରାଜପଥ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ସିମନବାଡ଼ି ଆସି ପୋଲିସ ଉପସ୍ଥିତିରେ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା।

- ଠିକାସଂସ୍ଥା ଗାଡ଼ି ଅଟକାଇ ବିକ୍ଷୋଭ
- ପୋଲିସର ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା
- ୨ ମାସରେ ୩ ଥର ବିକ୍ଷୋଭ

ଦାରିଙ୍ଗବାଡ଼ି ଆଇଆଇସି ମାଝି ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ତାଗିଦା କରି କହିଥିଲେ ଯେ, ସଂସ୍ଥା ନାମରେ ବହୁ ଅଭିଯୋଗ ଆସୁଛି। ପୂର୍ବରୁ ମଧ୍ୟ ଦାରିଙ୍ଗବାଡ଼ି ଓକିଲ ସଂଘ ପକ୍ଷରୁ କାମ ବିଳମ୍ବ ଯୋଗୁ ଠିକାସଂସ୍ଥା ନାମରେ ଅଭିଯୋଗ କରି ମାମଲା ରୁଜୁ ହୋଇ କୋର୍ଟରେ ବିଚାରାଧୀନ ରହିଛି। ଏଣୁ ସାଧାରଣ ଲୋକ ରାଜପଥ ସମ୍ପ୍ରସାରଣକୁ ନେଇ ସମସ୍ୟା ଯେପରି ନ ଭୋଗିବେ, ସେ ଦିଗରେ ଠିକାସଂସ୍ଥା କାର୍ଯ୍ୟ ତ୍ୱରାନ୍ୱିତ କରୁ। ବିଳମ୍ବ ଯୋଗୁ ବାରମ୍ବାର ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି ବୋଲି ଆଇଆଇସି କହିଥିଲେ।

# ଗଜପତିରେ ୬୭ ପଜିଟିଭ୍ ଚିହ୍ନଟ

ପାରଳାଖେମୁଣ୍ଡି,୧୭।୪(ଡି.ଏନ୍.ଏ.)

ଗଜପତିରେ ଶନିବାର ପୁଣି ୬୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତ ସଂଖ୍ୟା ୪,୨୭୨ରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଗଜପତି ଜିଲାପାଳ ଅନୁପମ ସାହା ଶନିବାରଠାରୁ ସହରାଞ୍ଚଳରେ ନାଇଟ୍ କର୍ଫ୍ୟୁ ଘୋଷଣା କରିଛନ୍ତି। ରାତି ୯ଟାରୁ ପରଦିନ ସକାଳ ୫ଟାଯାଏ ଏହି କଟକଣା ବଳବତ୍ତର ରହିବ। ପରବର୍ତ୍ତୀ ନିର୍ଦ୍ଦେଶନାମାଯାଏ ଏହା କାର୍ଯ୍ୟକାରୀ ହେବ ବୋଲି ସୂଚନା ଦେଇଛନ୍ତି। ଏହାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। କର୍ଫ୍ୟୁ ସମୟରେ ଜରୁରୀ କାର୍ଯ୍ୟ ନ ଥିଲେ ଜନସାଧାରଣ ବାହାରକୁ ଯାଇପାରିବେ ନାହିଁ। ଜିଲା ପ୍ରଶାସନ ସମସ୍ତ ଆନ୍ତଃ ରାଜ୍ୟ ସୀମାରେ ନାକା ପଏଣ୍ଟ ତିଆରି କରିଛି। ଯେଉଁମାନେ ଦୁଇଟିଯାକ ଟିକା ନେଇଥିବେ ଏବଂ ନେଗେଟିଭ୍ ରିପୋର୍ଟ ଦେଖାଇଲେ ସେମାନଙ୍କୁ ପ୍ରବେଶ ଅନୁମତି ଦିଆଯିବ। ସମସ୍ତ ଆନ୍ତଃରାଜ୍ୟ ବସ୍ ସେବା ଆସନ୍ତା ୧୯ ତାରିଖରୁ ବନ୍ଦ ରହିବ। କରୋନା ମୁକ୍ତ ଲାଗି ସମସ୍ତେ ସହଯୋଗ କରନ୍ତୁ ବୋଲି ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଉନ୍ନୟନ କାର୍ଯ୍ୟ ତଦାରଖ କଲେ ଜିଲାପାଳ, ପିଡି



ଜିଲାପାଳ ଓ ପିଡି ଶ୍ୟାମାଳାଇ ଗ୍ରୁପର ଟେଡି ତିଆରି ବୁଲି ଦେଖୁଛନ୍ତି।

ଶେରଗଡ଼,୧୭।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଶନିବାର ଶେରଗଡ଼ ବ୍ଲକର ପିତଳ ଉଚ୍ଚ ବିଦ୍ୟାଳୟ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରିଛନ୍ତି। ପିତଳ ଉଚ୍ଚ ବିଦ୍ୟାଳୟର ନିର୍ମାଣ ଚାଲିଥିବା ଶ୍ରେଣୀ ଗୃହ ଦେଖି ଡିଜିଟାଲ ଶ୍ରେଣୀ କାମକୁ ତ୍ୱରାନ୍ୱିତ କରିବାକୁ ଯନ୍ତ୍ରୀ ପବିତ୍ର ମୋହନ ପଟ୍ଟନାୟକ, ପରିଚାଳନା କମିଟି ସଭ୍ୟମାନଙ୍କୁ କହିଥିଲେ। ଏହା ପରେ ନରେନ୍ଦ୍ରପୁର ପଞ୍ଚାୟତ ବି.ନୂଆଁପଲ୍ଲୀ ଯାଇ ଏକ ଜୀବିକା ମିଶନସେଲର ପ୍ରକଳ୍ପକୁ ଦେଖି ଖୁସି ବ୍ୟକ୍ତ କରିଥିଲେ। ନୂଆଁପଲ୍ଲୀ ମାଁଧ ଶ୍ୟାମାଳାଇ ଦଳର ସଭ୍ୟାମାନେ ତିଆରି କରିଥିବା ଟେଡି କାର୍ଯ୍ୟ ଦେଖିବା ସହ ଏହାକୁ ଚାଲୁ ରଖିବାକୁ କହିଥିଲେ। ପରେ ପିତଳ ଯାଇ ପାଟ, ମଠା କାରିଗରଙ୍କୁ ଭେଟି ରୋଜଗାର ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ କରୋନା କଟକଣା ମାନିବାକୁ ଲୋକମାନଙ୍କୁ କହିଥିଲେ। ପରିଦର୍ଶନ ସମୟରେ ବିଡିଓ ସୁରଞ୍ଜନ କୁମାର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡ଼ଙ୍ଗୀ, ଜୀବିକା ମିଶନ ସେଲର କାର୍ଯ୍ୟକ୍ରମ ଅଧିକାରୀ ବନିତା ସାହୁ, ସରପଞ୍ଚ ବିନୋଦ ବେହେରାଙ୍କ ସମେତ ଦଳର ସଭ୍ୟାମାନେ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ରାତ୍ରି କାଳୀନ କର୍ଫ୍ୟୁ

ଫୁଲବାଣୀ ଅଫିସ, ୧୭।୪

## ଦିନକୁ ହେଉଛି ୧୧୦୦ କୋଭିଡ୍ ଟେଷ୍ଟ

କନ୍ଧମାଳ ଜିଲାରେ ଶନିବାରଠାରୁ ଆରମ୍ଭ ହୋଇଛି ରାତ୍ରି କାଳୀନ କର୍ଫ୍ୟୁ। ଏହା କେବଳ ଜିଲାର ସହରାଞ୍ଚଳ ପାଇଁ ଲାଗୁ କରାଯାଇଛି। ଫୁଲବାଣୀ ସହର, ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ ରାତ୍ର ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତର ରହିବ। ଏହି ସମୟରେ ସର୍ବସାଧାରଣରେ ବୁଲାବୁଲି କରିବା ପାଇଁ ବାରଣ କରାଯାଇଛି। କେବଳ ପୌର ପ୍ରଶାସନ, ପୋଲିସ, ସରକାରୀ କର୍ମଚାରୀ, ଡାକ୍ତର, ମେଡିକାଲ କର୍ମଚାରୀମାନେ ପୂର୍ବପରି କାମ କରିବେ। ମେଡିକାଲ ଏବଂ ଅନ୍ୟ ଜରୁରୀକାଳୀନ କାର୍ଯ୍ୟ ପାଇଁ ବ୍ୟକ୍ତିବିଶେଷ ଯାଇ ପାରିବେ। ସେହିପରି ଗଣମାଧ୍ୟମ ପ୍ରତିନିଧି ସେମାନଙ୍କ କାର୍ଯ୍ୟ କରି ପାରିବେ। ୧୯ରୁ ଜିଲାର ସମସ୍ତ ସ୍କୁଲ, କଲେଜ ଏବଂ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। କୌଣସି ହଷ୍ଟେଲ ଖୋଲା ରହିବ ନାହିଁ। ବାହାଘର ପାଇଁ ୫୦ ଜଣ ଏବଂ ଶବଦାହ କାର୍ଯ୍ୟରେ ୨୦ ଜଣଙ୍କୁ ଅନୁମତି ଦିଆଯାଇଛି।

କୋଭିଡ୍‌ର ଦ୍ରୁତ ସଂକ୍ରମଣକୁ ଲକ୍ଷ୍ୟକରି ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ରକ୍ଷା କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ସମୟ ମଧ୍ୟରେ କୌଣସି ସଭା ସମିତି, ରାଜନୈତିକ ସମ୍ମିଳନୀ, ରାଲି ହୋଇ ପାରିବ ନାହିଁ। ଯେଉଁମାନେ ମାସ୍କ ପିନ୍ଧି ନ ଥିବେ ସେମାନଙ୍କୁ ପ୍ରଥମେ ୨୦୦୦ ଏବଂ ଦ୍ୱିତୀୟ ଥର ୫୦୦୦ ଟଙ୍କା ଫାଇନ ଦେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହପରି ସର୍ବସାଧାରଣରେ ଛେପ ପକାଇଲେ ପ୍ରଥମେ ୧୦୦୦ ଏବଂ ଦ୍ୱିତୀୟ ଥର ଧରାପଡିଲେ ୫୦୦୦ ପର୍ଯ୍ୟନ୍ତ ଜରିମାନା ଆଦାୟ ହେବ। ଏହି ନିର୍ଦ୍ଦେଶନାମା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଲାଗୁ କରାଯାଇଛି।

ଦ୍ରୁତ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି କୋଭିଡ୍ ଟେଷ୍ଟକୁ ବୃଦ୍ଧି କରାଯାଇଛି। ଶନିବାର ୧୧୦୦ ଲୋକଙ୍କର ପରୀକ୍ଷା କରାଯାଇଛି। ଏଥିରେ ଉଭୟ ଆରଟି-ପିସିଆର ଏବଂ ଆଣ୍ଟିଜେନ ଟେଷ୍ଟ କରାଯାଉଛି। ମିଳିଥିବା ସୂଚନା ଅନୁସାରେ, ଆରଟି-ପିସିଆର ୫୦୦ ଜଣଙ୍କ କରାଯାଇଥିବା ବେଳେ ୬୦୦ ଜଣଙ୍କ ଆଣ୍ଟିଜେନ ଟେଷ୍ଟ ହୋଇଛି। ଜିଲାରେ କୋଭିଡ୍ ଦ୍ୱିତୀୟ ଲହରରେ ୮୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ମୋଟରେ ୬୦୬୪ ଆକ୍ରାନ୍ତ ହୋଇଥିବା ବେଳେ ୫୯୪୨ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୩୩ ଜଣଙ୍କର ମୃତ୍ୟୁ ହୋଇଛି।

## ମହିଳାଙ୍କ ଭିଡିଓ ଭାଇରାଲ ଅଭିଯୋଗ,୨ ଗିରଫ

ଆସିକା,୧୭।୪(ଡି.ଏନ୍.ଏ.)

ଆସିକା ଥାନା ଇଲାକାରେ ଜଣେ ମହିଳାଙ୍କ ଭିଡିଓ ଭାଇରାଲ ଅଭିଯୋଗରେ ପୋଲିସ ଶନିବାର ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୁଗୁଡ଼ା ଥାନା କଳମ୍ବ ଗ୍ରାମର ଅମର ସେଠୀ ଓ ଭଞ୍ଜନଗର ଥାନା ଡିହପଡାଳ ଗ୍ରାମର ମନୋଜ ସେଠୀ। ଅଭିଯୁକ୍ତ ଅମର ସମ୍ପୃକ୍ତ ମହିଳାଙ୍କ ଜଣେ ସମ୍ପର୍କୀୟଙ୍କ ସାଙ୍ଗ ହିସାବରେ ସମ୍ପର୍କ ସ୍ଥାପନ କରି ଭିଡିଓ କଲ କରିଥିଲେ। ଏହାର ସୁଯୋଗରେ ସେ ମହିଳାଙ୍କ କେତେକ ଆପତ୍ତିଜନକ ଫଟୋକୁ ନିଜ ମୋବାଇଲରେ ରଖି ପରବର୍ତ୍ତୀ ସମୟରେ ଭାଇରାଲ କରିଥିଲେ। ଘଟଣା ସମ୍ପର୍କରେ ମହିଳା ଜଣକ ଗୁରୁବାର ଦିନ ଆସିକା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୨୩୮/୨୧ରେ ମାମଲା ରୁଜୁ କରିଥିଲା।

## ବାଲିଗୁଡ଼ାରେ ୨ ଦୋକାନ ସିଲ୍

ବାଲିଗୁଡ଼ା,୧୭।୪.(ଡି.ଏନ.ଏ.)

ବାଲିଗୁଡ଼ା ଅଞ୍ଚଳରେ କୋଭିଡ୍ ନିୟମ ଉଲ୍ଲଘଂନ ଅଭିଯୋଗରେ ପ୍ରଶାସନ ପକ୍ଷରୁ ଶନିବାର ୨ ଦୋକାନ ସିଲ୍ କରାଯାଇଛି। ଏଥିସହ ଅମାନିଆଙ୍କଠାରୁ ୨୯୦୦ଟଙ୍କା ଜୋରିମାନା ଆଦାୟ ହୋଇଛି। ଦିନକୁଦିନ ଅଞ୍ଚଳରେ ସଂକ୍ରମଣ ବଢୁଥିବାରୁ ଯାଞ୍ଚ କରାଯାଉଥିବା ବାଲିଗୁଡ଼ା ତହସିଲଦାର ଶଶାଙ୍କ ଶେଖର ପାତ୍ର କହିଛନ୍ତି।

# ରାଜ୍ୟପାଳଙ୍କୁ ଶଶିଭୂଷଣଚରିତମ୍, ବୈଦେହିଶ ବିଳାସ ପୁସ୍ତକ ପ୍ରଦାନ

ସୋରଡ଼ା,୧୭।୪(ଡି.ଏନ୍.ଏ.)



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ପ୍ରଦାନ କରାଯାଇଥିବା ପୁସ୍ତକ।

ସୋରଡ଼ାର ସଂସ୍କୃତ ପଣ୍ଡିତ ଭାଗବତ ପ୍ରସାଦ ଦାସଶର୍ମାଙ୍କ ଦ୍ୱାରା ରଚିତ ଶଶିଭୂଷଣଚରିତମ୍ ଓ ବୈଦେହିଶ ବିଳାସର ସଂସ୍କୃତ ଅନୁବାଦ ପୁସ୍ତକ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଶୁକ୍ରବାର ରାଜଭବନରେ ତାଙ୍କର ବ୍ୟକ୍ତିଗତ ସହାୟକଙ୍କ ଜରିଆରେ ପ୍ରଦାନ କରାଯାଇଛି। କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ 'ବ' ଅନୁପ୍ରାସରେ ଲିଖିତ ୫୨ ଛାନ୍ଦ ବିଶିଷ୍ଟ ମହାକାବ୍ୟ ବୈଦେହିଶ ବିଳାସର ସଂସ୍କୃତ ଅନୁବାଦର ପ୍ରଥମ ବିଳାସ, ଦ୍ୱିତୀୟ ବିଳାସକୁ ମିଶାଇ ୧୧୫୯ ପୃଷ୍ଠା, ୨୭୧୦ ଶ୍ଳୋକ ରହିଛି। ସେହିପରି ଶଶିଭୂଷଣଚରିତମ୍ ଉଭୟ ସଂସ୍କୃତ ଓ ଓଡ଼ିଆରେ ଲେଖା ହୋଇଥିବା ଏକ ଜ୍ଞାନକାରୀ ପୁସ୍ତକ ଭାବେ ସାରା ଓଡ଼ିଶାରେ ପରିଚିତ। ଉକ୍ତ ପୁସ୍ତକ ଦ୍ୱୟ ରାଜ୍ୟପାଳଙ୍କୁ ପ୍ରଦାନ ପରେ ଭଗବତ ପ୍ରସାଦ ଅତ୍ୟନ୍ତ ଖୁସି ଜାହିର କରିଛନ୍ତି। ସୋରଡ଼ା ଅଞ୍ଚଳର ଉକ୍ତ ପୁସ୍ତକ ରାଜ୍ୟପାଳଙ୍କ କରକମଳରେ ପହଞ୍ଚିବା ପରେ ଆମର ଗୌରବ ବୃଦ୍ଧି ପାଇଛି ବୋଲି ରଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅନିଲ କୁମାର ଦାଶ କହିଛନ୍ତି।

# ମନ୍ଦିରକୁ ସାନିଟାଇଜ୍ କଲା ଅଗ୍ନିଶମ ବିଭାଗ

ପୋଲସରା,୧୭।୪(ଡି.ଏନ.ଏ.)

ପୋଲସରା ବ୍ଲକରେ ଶନିବାର ଅଗ୍ନିଶମ ବିଭାଗ ପକ୍ଷରୁ ମୁଖ୍ୟ ରୁଦ୍ର ମାଧବ ମଲିକଙ୍କ ନେତୃତ୍ୱରେ ମହାଦେବ ମନ୍ଦିର ପରିସରକୁ ସାନିଟାଇଜ୍ କରାଯାଇଛି। ମଧୁପଲୀ ପଞ୍ଚାୟତର ସୁନାରୀ ବୁଗୁଡ଼ା ଓ ପୋଲସରା ଏନ୍ଏସି ୧୯ନଂ ୱାର୍ଡର ଲୁଣିଘାଟି ଠାରେ ଥିବା ଶୈବପୀଠଗୁଡ଼ିକୁ ଅଗ୍ନିଶମ ବିଭାଗର କର୍ମଚାରୀ ପିପିଇ କିଟ୍ ପିନ୍ଧି ସାନିଟାଇଜ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିରଞ୍ଚି କୁମାର ମହାନ୍ତି, ବିଶିକେଶନ ପେଣ୍ଡେଇ, ବୈଷ୍ଣବ ଚରଣ ଭୋଇ, ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପିତାତଳିରେ ପାନୀୟ ଜଳ ସଙ୍କଟ



ଓଭର ହେଡ ଟ୍ୟାଙ୍କ।

ଚିକିଟି,୧୭।୪(ଡି.ଏନ.ଏ.)

ଚିକିଟି ବ୍ଲକ ପିତାତଳି ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏଥିପ୍ରତି ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଗୁରୁତ୍ୱ ଦେଉ ନ ଥିବାରୁ ଲୋକମାନେ ବହୁ ଅସୁବିଧା ଭୋଗୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଜାଣିଶୁଣି ପଦକ୍ଷେପ ନେଉ ନ ଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ କେ.ନରସିଂହ ମୂର୍ତ୍ତି ଅଭିଯୋଗ କରିଛନ୍ତି। ଲକ୍ଷାଧିକ ଟଙ୍କା ବ୍ୟୟରେ ୨୦୧୧ରେ ଉକ୍ତ ଗ୍ରାମରେ ବସୁଧା ଯୋଜନାରେ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ୩୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ଓଭର ହେଡ ଟାଙ୍କି ନିର୍ମାଣ କରାଯିବା ସହ ପାଇପ ବିଛାଇ ୧୦ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥିଲା। ଏହାକୁ ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। କିନ୍ତୁ ୨୦୧୨ରୁ ଜଳଯୋଗାଣ ଠପ୍ ହୋଇଯାଇଛି। ଏ ନେଇ ବ୍ଲକ ଅଧିକାରୀ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧିକାରୀ, ସ୍ଥାନୀୟ ବିଧାୟିକା ଏବଂ ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲ। ହେଲେ ୧୦ବର୍ଷ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ଉକ୍ତ ଗ୍ରାମରେ ପ୍ରାୟ ୮ଟି ନଳକୂପ ଥିବା ବେଳେ ସେଥିରୁ ୫ ଅଚଳ ହୋଇଯାଇଛି। ବଳକା ୩ ନଳକୂପ ଉପରେ ୪୦୦ ପରିବାରର ୨୦୦୦ଜନସାଧାରଣ ନିର୍ଭର କରନ୍ତି। ଏ ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ଚୌଧୁରୀଙ୍କୁ ପଚାରିବାରୁ ଆରମ୍ଭରୁ ଯେଉଁଠାରେ ବୋରୱେଲ ଖୋଳାଯାଇଥିଲା ସେଠାରେ ପାଣି ସମସ୍ୟା ରହୁଛି। ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ମାସରେ କାମ ଆରମ୍ଭ କରାଯିବ ବୋଲି କହିଛନ୍ତି।

# ବିଭିନ୍ନ ସ୍ଥାନରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ



ଭଞ୍ଜନଗର ବାଇପାସ୍ ଛକରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ବିଜେଡି କର୍ମୀମାନେ।



ପାରଳାଖେମୁଣ୍ଡିଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।





ଆସିକାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଦଳୀୟ କର୍ମୀ।

ଛତ୍ରପୁର,୧୭।୪(ଡି.ଏନ୍.ଏ.)

ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ଶନିବାର ପୃଥକ୍ ଭାବେ ବିଜେଡି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ପ୍ରଥମେ ନରେନ୍ଦ୍ରପୁର ସମିତି ସଭ୍ୟ ଜ୍ୟୋତି ରଞ୍ଜନ ସାହୁଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ସ୍ଥାନୀୟ ଲୋୟର ବସ୍‌ଷ୍ଟାଣ୍ଡସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ୨୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଏସ୍. କିଶୋର ଚନ୍ଦ୍ର ରେଡ୍ଡୀ, ୧୯ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପ୍ରଧାନ, ବିଫୁଲିଙ୍ଗି ସରପଞ୍ଚ ଟି. ନରସିଂହ ରେଡ୍ଡୀ, ମହାନାଦପୁର ସରପଞ୍ଚ ରୁନିତା ବେହେରା, ସୁନ୍ଦରପୁର ସରପଞ୍ଚ ସସ୍ମିତା ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ସରକାରୀ ଓକିଲ ମନୋଜ କୁମାର ପାଢ଼ୀ, ବି. ରାଜୁ ବାବୁ, ସରକାରୀ ଓକିଲ ଉର୍ମିଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଭଞ୍ଜନଗର:** ବାଉଁଶଲୁଣ୍ଡିସ୍ଥିତ ବିଜୁ ସ୍ମୃତି ସଂସଦ ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭବାନୀ ଶଙ୍କର ପ୍ରଧାନ, ନଗର ବିଜେଡି ସଭାପତି ରାଜେନ୍ଦ୍ର ବିଷୋୟୀ, ଏମ୍‌ପି ପ୍ରତିନିଧି ଦିବାକର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। **ଗଞ୍ଜାମ:** ଗଞ୍ଜାମର ସାମନ୍ତରା ସାହିରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବନେତା ସୁଧୀର କୁମାର ପାଢ଼ୀ, ପୂର୍ବତନ କାଉନ୍‌ସିଲର ଦଣ୍ଡପାଣି ପରିଡ଼ା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର. ଭାଗୀରଥି ରେଡ୍ଡୀ, ପୂର୍ବତନ ଏନ୍ଏସି ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକି, ଶୁଭାଶିଷ ପଣ୍ଡା ଓ ବିଭୁ ପ୍ରସାଦ ତରେଇ ପ୍ରମୁଖ ଉପସ୍ଥିତ ଥିଲେ।

**ପାରଳାଖେମୁଣ୍ଡି:**ପାରଳାଖେମୁଣ୍ଡି ସ୍ଥିତ ହାଇସ୍କୁଲ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ, ଜିଲା ଯୁବ ବିଜେଡି ସଭାପତି ଏସ୍. ଲିଙ୍ଗରାଜ, ପାରଳାଖେମୁଣ୍ଡି ନଗର ସଭାପତି ସତ୍ୟ ନାରାୟଣ ରାଜଗୁରୁ, ମହିଳା ସଭାନେତ୍ରୀ ସଞ୍ଜୁକ୍ତା ବେହେରା, ତନୁଜା ଶତପଥୀ, ସୁଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। **ଆସିକା:**ଆସିକା ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜୋନ ଯୁବ ବିଜେଡି ଅଧ୍ୟକ୍ଷ ନଚିକେତା ସ୍ୱାଇଁ ଯୁବ ନେତା ଶିବ ନାହାକ, ଦିଲୀପ ପାଣିଗ୍ରାହୀ, ସତ୍ୟନାରାୟଣ ସ୍ୱାଇଁ, ରାଜେଶ ପଟ୍ଟନାୟକ, ଭଗବାନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। **ପୋଲସରା:**ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ଉପାଧ୍ୟକ୍ଷା ସଂଯୁକ୍ତା ବାଡ଼ତ୍ୟା, ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। **ହିଞ୍ଜିଳିକାଟୁ:**ନଗର ବିଜେଡି ସଭାପତି ଭୀମସେନ ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ବ୍ଲକ ଅଧ୍ୟକ୍ଷ ଏନ୍ ରଘୁନାଥ, ବ୍ଲକ ସଭାପତି ସୁରେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ପ୍ରତିନିଧି ସଞ୍ଜୟ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। **ବେଗୁନିଆପଡ଼ା:**ବେଗୁନିଆପଡ଼ା ବ୍ଲକ ବାପୁଜୀ ଷ୍ଟାଡିୟମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ବେଗୁନିଆପଡ଼ା ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। **ଶେରଗଡ଼:**ଶେରଗଡ଼ରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାବୁଲା କୁମାର ଚୌଧୁରୀ, ବରିଷ୍ଠ ନେତା ହୃଷୀକେଷ ପାଢୀ ଓ ହୀନ ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

# ଥାଇରଏଡ୍ ପରୀକ୍ଷା ମେଶିନ ଅଚଳ

**ବ୍ରହ୍ମପୁର ବଡ଼ ମେଡିକାଲ**

■ ୬ ମାସ ହେଲା ରୋଗୀ ହନ୍ତସନ୍ତ

ବ୍ରହ୍ମପୁର ଅଫିସ,୧୭।୪

ବ୍ରହ୍ମପୁର ବଡ଼ ମେଡିକାଲରେ ଥାଇରଏଡ୍ ପରୀକ୍ଷା ପାଇଁ ରହିଥିବା ମେଶିନ ପ୍ରାୟ ୬ ମାସରୁ ଅଧିକ ସମୟ ହେଲା ଅଚଳ ହୋଇ ପଡ଼ିଥିବା ବେଳେ ତାହା ମରାମତି କରାଯାଉ ନାହିଁ। ଫଳରେ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଏମ୍‌କେସିଜି ମେଡିକାଲ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଅବଗତ କରିଛନ୍ତି। କିନ୍ତୁ ଅଦ୍ୟାବଧି ନୂତନ ମେଶିନ୍ ସ୍ଥାପନ ହୋଇ ନାହିଁ। ଏମ୍‌କେସିଜି ମେଡିକାଲ ପରିସରରେ ରହିଛି ଆରଡିସି (ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍)। ଏଠାରେ ରୋଗୀଙ୍କ ମଳ, ମୂତ୍ର, କଫ ସହିତ ଅନ୍ୟାନ୍ୟ ପରୀକ୍ଷା କରାଯାଇଥାଏ। ଏଠାରେ ଥାଇରଏଡ୍ ପରୀକ୍ଷା ମଧ୍ୟ ହୁଏ। ଥାଇରଏଡ୍ ପରୀକ୍ଷା ପାଇଁ ବଡ଼ ଡାକ୍ତରଖାନାକୁ ୨୦୧୩ରେ ରାଜ୍ୟ ସରକାରଙ୍କ ତରଫରୁ ମେଶିନ୍ ଯୋଗାଇ ଦିଆଯାଇଥିଲା। ଏକ ଘରୋଇ କମ୍ପାନୀ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଥିଲା। ଏହି ମେଶିନ୍ ଜରିଆରେ ଦୈନିକ ୬୦ ରୋଗୀଙ୍କର ୩ ପର୍ଯ୍ୟାୟରେ ପରୀକ୍ଷା ହେଉଥିଲା। କିନ୍ତୁ ଗତବର୍ଷ ଅଗଷ୍ଟରୁ ଏହି ମେଶିନ୍ ଅଚଳ ହୋଇପଡ଼ିଛି। ଫଳରେ ରୋଗୀମାନେ ଏବେ ଘରୋଇ ହସ୍ପିଟାଲରେ ଥାଇରଏଡ୍ ପରୀକ୍ଷା କରୁଛନ୍ତି। ଏମ୍‌କେସିଜି ମେଡିକାଲରେ ଏହି ପରୀକ୍ଷା ମାଗଣାରେ ହେଉଥିବା ବେଳେ ଘରୋଇ ହସ୍ପିଟାଲରେ ଏହା ୮୦୦ ଟଙ୍କା ପର୍ଯ୍ୟନ୍ତ ପଡୁଛି। ଏଣୁ ଗରିବ ରୋଗୀମାନେ ଏତେ ଟଙ୍କା ଦେଇପାରୁ ନାହାନ୍ତି। ଫଳରେ ବହୁ ରୋଗୀ ପରୀକ୍ଷା କରିବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ମେଶିନ୍ ଅଚଳ ସମ୍ପର୍କରେ ଏମ୍‌କେସିଜି ମେଡିକାଲ କର୍ତ୍ତୃପକ୍ଷ ସମ୍ପୃକ୍ତ କମ୍ପାନୀକୁ ଅବଗତ କରିଥିଲେ। ଟେକ୍ନିସିଆନ୍ ଆସି ମେଶିନ୍ ଦେଖିଥିଲେ। ମରାମତି ପାଇଁ ପ୍ରାୟ ୨୧ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କମ୍ପାନୀ ତରଫରୁ ହିସାବ ଦିଆଯାଇଥିଲା। ୨୫ଲକ୍ଷ ଟଙ୍କାରେ ମେଶିନ୍ କିଣା ଯାଇଥିବା ବେଳେ ମରାମତି ପାଇଁ ୨୧ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଏମ୍‌କେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅନୁମତି ମିଳି ନ ଥିଲା। ଏଣୁ ମେଶିନ୍ ମରାମତି ହୋଇପାରିଲା ନାହିଁ। ସମସ୍ୟା ସମ୍ପର୍କରେ ଓଏସ୍‌ଏମ୍‌ସି (ଓଡ଼ିଶା ଷ୍ଟେଟ୍ ମେଡିକାଲ୍ କର୍ପୋରେଶନ୍)ର ଦୃଷ୍ଟି ଆକର୍ଷଣ କରାଯାଇଛି। ନୂତନ ମେଶିନ୍ କିଣିବା ପାଇଁ ନିଷ୍ପତ୍ତି ମଧ୍ୟ ହୋଇଛି। ଖୁବ୍‌ଶୀଘ୍ର ନୂତନ ମେଶିନ୍ ଆସିବ ବୋଲି ବଡ଼ ଡାକ୍ତରଖାନା ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି।


ଏମ୍‌କେସିଜି ମେଡିକାଲରେ ଅଚଳ ହୋଇପଡିଛି ଥାଇରଏଡ୍ ମେଶିନ।

## ସଂକ୍ଷେପରେ

### ଆଇସୋଲେଶନରେ ଚ୍ୟାଉ ପଟ୍ଟନାୟକ

ବ୍ରହ୍ମପୁର ଅଫିସ,୧୭।୪: ବ୍ରହ୍ମପୁର ପୂର୍ବତନ ବିଧାୟକ ତଥା ରାଜ୍ୟ କୋଠାବାଡ଼ି ନିର୍ମାଣ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଦମ୍ପତି ଭାବାନଗର ବାସଭବନରେ ହୋମ୍ ଆଇସୋଲେଶନରେ ଅଛନ୍ତି। ତାଙ୍କ ଘରେ ରହୁଥିବା ଜଣେ ଯୁବକଙ୍କର କରୋନା ପଜିଟିଭ ଜଣାପଡ଼ିବା ପରେ ଚ୍ୟାଉପଟ୍ଟନାୟକ ସଂଗରୋଧରେ ରହିଛନ୍ତି। ଶନିବାର ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ଡ଼ା. ଚ୍ୟାଉ ପଟ୍ଟନାୟକଙ୍କ ଦେଖା ନ ଥିଲା। ଦଳୀୟ କର୍ମୀଙ୍କ ସହ ଆଲୋଚନା ବେଳେ ଉପରୋକ୍ତ ବିଷୟ ଜଣାପଡ଼ିଛି।

### ହାତୀ ଆକ୍ରମଣରେ ଗୁରୁତର ଚାଷୀଙ୍କୁ ସହାୟତା

ବୁଗୁଡ଼ା,୧୭।୪(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଜେକ ଗ୍ରାମ ନିକଟସ୍ଥ ଜଙ୍ଗଲରେ ହାତୀ ଆକ୍ରମଣରେ ଗୁରୁତର ହୋଇଥିବା ଜଣେ ଚାଷୀଙ୍କୁ ଶନିବାର ୧ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରାଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ବନାଞ୍ଚଳ କାର୍ଯ୍ୟାଳୟରେ ଅଧିକାରୀ ଫକୀର ଚରଣ ବେହେରା ଚାଷୀ ସଂସାରୀ ପ୍ରଧାନଙ୍କୁ ଏହି ଚେକ୍ ପ୍ରଦାନ କରିଥିଲେ। ଗତ ସେପ୍ଟେମ୍ବର ୨୨ରେ ସଂସାରୀ ମୁଗ ଫସଲ ଜଗି ଶୋଇଥିଲେ। ସେହି ରାତିରେ ଏକ ଦନ୍ତାହାତୀ ତାଙ୍କୁ ଶୁଣ୍ଢରେ ଟେକି ଫୋପାଡ଼ି ଦେଇଥିଲା। ଫଳରେ ତାଙ୍କ ସ୍ପାଇନଲ କଡ଼ ଓ ଡ଼ାହାଣ ହାତ ଭାଙ୍ଗି ଗୁରୁତର ହୋଇଥିଲେ।

### ଅଙ୍ଗନୱାଡି କର୍ମୀଙ୍କୁ ତାଲିମ

ଶେରଗଡ଼,୧୭।୪(ଡି,ଏନ.ଏ.): ଶେରଗଡ଼ ବ୍ଲକରେ ଅଙ୍ଗନୱାଡି କର୍ମୀଙ୍କୁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁରଞ୍ଜନ କୁମାର ସାହୁ, ଏବିଡିଓ ଧରଣୀଧର ଭୂୟାଁ ଉପସ୍ଥିତ ରହି ସରକାରଙ୍କ ନିୟମାବଳୀ ବୁଝାଇଥିଲେ। ଅଙ୍ଗନୱାଡି କର୍ମୀମାନେ ଘରେ ଘର ବୁଲି ଲୋକଙ୍କୁ ସବିଶେଷ ବିବରଣୀ ଦେବାକୁ କୁହାଯାଇଥିଲା। ବ୍ଲକର ୨୨ ପଞ୍ଚାୟତର ୯୫ ରାଜସ୍ୱ ଗ୍ରାମ ସହିତ ବିଭିନ୍ନ ବସ୍ତିରେ ବସବାସ କରୁଥିବା ପଛୁଆବର୍ଗ ପରିବାର ସଦସ୍ୟଙ୍କ ବିବରଣୀ ଉକ୍ତ ସର୍ଭେରେ ନିର୍ଭୁଲ ଭାବେ ସ୍ଥାନ ଦେବେ। ପଛୁଆବର୍ଗ ପରିବାର ଚିହ୍ନଟ ସମୟରେ ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ପାନକାର୍ଡ ଓ ପାସପୋଟ ବାଧ୍ୟତା ମୂଳକ। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ବ୍ଲକର ୧୯୨ କେନ୍ଦ୍ରର ଅଙ୍ଗନୱାଡି କର୍ମୀ, ସୁପରଭାଇଜର, ନୋଡାଲ ଅଧିକାରୀଙ୍କ ସମେତ ଶିଶୁ ବିକାଶ ଯୋଜନା ଅଧିକାରୀ ବିଜୟ ଲକ୍ଷ୍ମୀ ନିଶାଙ୍କ ପ୍ରମୁଖ ଯୋଗ ଦେଇଥିଲେ।

### ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ

ବେଗୁନିଆପଡ଼ା,୧୭।୪(ଡି.ଏନ୍.ଏ.): କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ଅଗ୍ନି ନିରାପତ୍ତା ସପ୍ତାହ ଅବସରରେ ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ନିଆଁ ଲାଗିଲେ ଏହାକୁ କିପରି ଆୟତ୍ତ କରାଯିବ, ଅଗ୍ନିଦାଉରୁ କିପରି ରକ୍ଷା ପାଇପାରିବା, ପାଣିରେ ବୁଡ଼ିଲେ ସୁରକ୍ଷିତ ଭାବେ ଉଦ୍ଧାର କରିବା ନେଇ ମକ୍‌ଡ୍ରିଲ୍ ମାଧ୍ୟମରେ ସଚେତନତା କରାଯାଇଛି। କୋଦଳା ଅଗ୍ନିଶମ କେନ୍ଦ୍ର ଅଧିକାରୀ ସୁଜୟ କୁମାର ହେମ୍ବ୍ରମ, ମୁଖ୍ୟ ଅଗ୍ନିକ ମହେନ୍ଦ୍ର ଜେନା, ଡ୍ରାଇଭର୍ ହାବିଲଦାର ରାମକୃଷ୍ଣ ମଲ୍ଲିକ, ଅଗ୍ନିକ ବାବୁଲା ବେହେରା, ପ୍ରେମାନନ୍ଦ କାଣ୍ଡି, ବିଦେଶୀ ନାୟକ, ନିରଞ୍ଜନ ସ୍ୱାଇଁଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିଲା ଜିଲା ବିଜେଡି



ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ନେତା ଓ କର୍ମୀ ।

ବ୍ରହ୍ମପୁର ଅଫିସ,୧୭।୪

ଗଞ୍ଜାମ ଜିଲା ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୪ତମ ଶ୍ରାଦ୍ଧ ଦିବସ ଶନିବାର ବ୍ରହ୍ମପୁରରେ ପାଳିତ ହୋଇଯାଇଛି। ଦଳ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବିଧାୟକ ବିକ୍ରମ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ, ରାଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ମହିଳା ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇ, ରାଜ୍ୟ ଉପସଭାନେତ୍ରୀ ମମତା ବିଶୋୟୀ, ମହାନଗର ସଭାପତି ବିଜୟ ଚନ୍ଦ୍ର ସାମଲଙ୍କ ସମେତ ସଞ୍ଜିତ ପାଣିଗ୍ରାହୀ, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମଣ ଚୌଧୁରୀ, ବନମାଳି ସେଠୀ ଓ ମନୋଜ ମହାପାତ୍ର ପ୍ରମୁଖ କଳିଙ୍ଗ ବୀର ବିଜୁଙ୍କ ସ୍ମୃତି ସାଉଁଟିଥିଲେ। ସମସ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ପୂର୍ବାହ୍ନରେ କର୍ପୋରେଶନ ରୋଡସ୍ଥ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଦଳ ନେତା ଓ କର୍ମୀମାନେ ମାଲ୍ୟାର୍ପଣ ସହ ପ୍ରବାଦ ପୁରୁଷଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। କରୋନା କଟକଣା ଯୋଗୁ ଅତି କମ୍ ସଂଖ୍ୟକ କର୍ମୀ ଉପସ୍ଥିତ ଥିଲେ। ସେହିପରି ଦେଶୀ ବେହେରା ବଜାର ଛକରେ ସ୍ଥାପିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଯୁବ ବିଜେଡି ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଗଠନର ମହାନଗର ସଭାପତି ଅଜିତ ପଣ୍ଡାଙ୍କ ସମେତ ଯୁବ କର୍ମୀମାନେ ଉପସ୍ଥିତ ଥିଲେ। ଦେଶୀ ବେହେରା ବଜାର ବ୍ୟବସାୟୀ ସଂଘ କର୍ମକର୍ତ୍ତାମାନେ ସ୍ୱତନ୍ତ୍ର ଭାବେ ପ୍ରତିମୂର୍ତ୍ତି ସ୍ଥଳରେ ପ୍ରାର୍ଥନା କରିଥିଲେ। ଆସିକା ରୋଡ ତାଲୁକା ଛକରେ ଥିବା ବିଭିନ୍ନ ପ୍ରତିମୂର୍ତ୍ତିରେ ଚନ୍ଦ୍ରମୋହନ ସାହୁ ଓ ଅନ୍ୟମାନେ ମାଲ୍ୟାର୍ପଣ କରିଥିଲେ। ଜୀବନ ବିନ୍ଦୁ ଜିଲା ସଂଯୋଜକ ସୁବାସ ମହାରଣାଙ୍କ ସଂଯୋଜନାରେ ମହାନଗର ନିକଟ ବାଲିପଡ଼ାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ୨୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।


ଶନିବାରଠାରୁ ସରକାରଙ୍କ ପକ୍ଷରୁ ରାତ୍ରିକାଳୀନ କର୍ଫ୍ୟୁ ଘୋଷଣା ହେବା ପରେ ବ୍ରହ୍ମପୁର ସହରରେ ଦୋକାନ ବଜାର ବନ୍ଦ ରହିଛି।

# ସୁସ୍ଥ ସମାଜ ଗଠନରେ ସାହିତ୍ୟ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଦିଗପହଣ୍ଡି,୧୭।୪(ଡି.ଏନ.ଏ.)

ଦିଗପହଣ୍ଡିର ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ ଲୋକସେବା ପରିଷଦ ପକ୍ଷରୁ ବୁଧବାର ପତ୍ରିକାର ବିଷୁବ ସଂଖ୍ୟା ଉନ୍ମୋଚିତ ହୋଇଛି। ଏହି ଅବସରରେ ଏକ ଆଲୋଚନା ସଭା ଅନୁଷ୍ଠାନର ସମ୍ପାଦକ କୁରେଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଜଗବନ୍ଧୁ ମିଶ୍ର ଏହି ସଭାରେ ସଂଯୋଜନା କରିଥିଲେ। ଅଶ୍ୱିନୀ ଦାଶ, ପଦ୍ମଚରଣ ମେକାପ୍, ଅଧ୍ୟାପକ ପ୍ରଣବାନନ୍ଦ ପାଟଯୋଶୀ, ଅଶେଷନାଥ ମିଶ୍ର, ହରପ୍ରସାଦ ରଥ, ଗୋପାଳକୃଷ୍ଣ ମଲ୍ଲିକ, ଚିତ୍ରଶିଳ୍ପୀ ଅମର ନାୟକ ଓ ଅରୁଣ ସାହୁ, କାଳୁଚରଣ ପାଣିଗ୍ରାହୀ, ଅଭିମନ୍ୟୁ ପାତ୍ର, ପି.ଶିବଶଙ୍କର, ଆଦିତ୍ୟ ପ୍ରସାଦ ମିଶ୍ର, ଅକ୍ଷାଂଶୁ ଜ୍ୟୋତି ଦାଶ ପ୍ରମୁଖ ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏକ ସୁସ୍ଥ ଓ ବଳିଷ୍ଠ ସମାଜ ଗଠନ ଦିଗରେ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରତ୍ୟେକ ସାହିତ୍ୟ ଅନୁଷ୍ଠାନ ସେମାନଙ୍କ ପ୍ରକାଶନ ଦିଗରେ ଗଠନାତ୍ମକ ଆଭିମୁଖ୍ୟ ରଖିଲେ ତାହା ଲୋକାଦୃତ ହୋଇଥାଏ ବୋଲି ବକ୍ତାମାନେ କହିଥିଲେ।

# ମାସ୍କ, ଗାଡ଼ି ଯାଞ୍ଚ

**୩.୭୪ ଲକ୍ଷର ଜରିମାନା ଆଦାୟ**

ଛତ୍ରପୁର,୧୭।୪(ଡି.ଏନ୍.ଏ.)

ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ସମସ୍ତ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ମାସ୍କ, ସାମାଜିକ ଦୂରତା ସହ ଗାଡ଼ି ଯାଞ୍ଚ କଡାକଡି କରାଯାଉଛି । ଗତ ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ପକ୍ଷରୁ ମାସ୍କ ଓ ଗାଡି ଯାଞ୍ଚ କରାଯାଇ ଅମାନିଆ ଓ ଖିଲାପକାରୀଙ୍କଠାରୁ ୩ ଲକ୍ଷ ୭୪ ହଜାର ୭୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଶନିବାର ଏ ସମ୍ପର୍କରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ଟୁଇଟ କରି ସୂଚନା ଦେଇଛନ୍ତି। ଏଥିସହ ୨ ଜଣ ଅମାନିଆଙ୍କ ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇ ସସ୍‌ପେଣ୍ଡ ପାଇଁ ଆରଟିଓଙ୍କ ନିକଟକୁ ପଠାଯାଇଛି। ବେଆଇନ ମଦ କାରବାର ଉପରେ ଚଢ଼ାଉ କରାଯାଇ ଏଥିରେ ସମ୍ପୃକ୍ତ ୮ ଜଣଙ୍କୁ ଗିରଫ କରାଯିବା ସହ ୨୩୩.୭ ଲିଟର ମଦ ଜବତ ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି। କୋଭିଡ୍ ନିୟମ ପାଳନ ସହ ମାସ୍କ ଓ ଗାଡ଼ି ଚଳାଇବା ବେଳେ ହେଲ୍‌ମେଟ ପିନ୍ଧିବାକୁ ଏସ୍‌ପିଙ୍କ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ସହ ଜରିମାନା ଆଦାୟ ହେବ ବୋଲି ସତର୍କ କରାଇ ଦିଆଯାଇଛି ।

# ସାହାରା ଇଣ୍ଡିଆ ଜମାକାରୀଙ୍କ ବିକ୍ଷୋଭ

ବ୍ରହ୍ମପୁର ଅଫିସ୍,୧୭।୪

ସାହାରା ଇଣ୍ଡିଆ ଜମାକାରୀ ନିଜର ବକେୟା ଟଙ୍କା ଦାବିକରି ଶନିବାର ଟାଟାବେଞ୍ଜ ଛକସ୍ଥିତ ସାହାରା ଇଣ୍ଡିଆ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜମାକାରୀମାନଙ୍କ କହିବା ହେଲା, ଦୀର୍ଘ ଦିନ ଧରି ମାଚ୍ୟୁରିଟି ଟଙ୍କା ପାଇବା ପାଇଁ ଦାବି କରିଆସୁଛୁ। ଏ ନେଇ ବାରମ୍ବାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ମଧ୍ୟ କରାଯାଇଛି। ଜମା ଟଙ୍କା ଫେରସ୍ତ ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ମିଳି ନ ଥିବା ଜମାକାରୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ବ୍ରହ୍ମପୁର ଉପଜିଲାପାଳଙ୍କ ସହ ଆଲୋଚନା ମଧ୍ୟ ହୋଇଥିଲା। ତଥାପି ସମସ୍ୟା ସମାଧାନ ହୋଇପାରି ନାହିଁ। ଏଥିସହ ଶନିବାରସୁଦ୍ଧା ୭ଦିନ ଧରି କାର୍ଯ୍ୟାଳୟ ବନ୍ଦ ରହିଛି। ଫଳରେ ବହୁ ଗରିବ ଶ୍ରେଣୀ ଲୋକ ନିଜ ଜମା ଟଙ୍କା ନ ପାଇ ହଇରାଣ ହେଉଛନ୍ତି। ସାହାରା ଇଣ୍ଡିଆ କର୍ତ୍ତୃପକ୍ଷ ଜାଣିଶୁଣି ଏଭଳି କରୁଥିବା ଜମାକାରୀମାନେ ଅଭିଯୋଗ କରିଛନ୍ତି। ଏଣୁ ଜିଲା ପ୍ରଶାସନ ହସ୍ତକ୍ଷେପ କରି ତୁରନ୍ତ ସମସ୍ୟା ସମାଧାନ ପାଇଁ ଜମାକାରୀମାନେ ଦାବି କରିଛନ୍ତି। ଏଥିରେ ରାମ ପ୍ରସାଦ ପଣ୍ଡା, ସନ୍ତୋଷ କୁମାର ପଣ୍ଡା, ଭାସ୍କର ସାହୁ ଓ ଦୀପ ପଟ୍ଟନାୟକଙ୍କ ସମେତ ଶତାଧିକ ଜମାକାରୀ ଉପସ୍ଥିତ ଥିଲେ।

# ଆଇଟିଆଇ ପକ୍ଷରୁ ଇ-ବର୍ଜ୍ୟବସ୍ତୁ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ୍,୧୭।୪

ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ଶିକ୍ଷାନୁଷ୍ଠାନ ପରିସରରେ ଶନିବାର ଇ-ବର୍ଜ୍ୟବସ୍ତୁ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନିତ୍ୟ ବ୍ୟବହୃତ ଇଲେକ୍‌ଟ୍ରୋନିକ୍ ସରଞ୍ଜାମ ଖରାପ ହୋଇଯିବା ପରେ ତାହାକୁ ପୋଡ଼ିବା ଦ୍ୱାରା ପରିବେଶ ଦୂଷିତ ହୋଇଥାଏ। ଏଥିସହ ଅଦରକାରୀ ସରଞ୍ଜାମ ଗୋଟିଏ ସ୍ଥାନରେ ପଡ଼ି ରହି ଆବର୍ଜନାର ପାହାଡ଼ ସୃଷ୍ଟି ହେଉଛି। ଏଣୁ ଏହି ଇ-ବର୍ଜ୍ୟବସ୍ତୁ ସଂଗ୍ରହ ପ୍ରକ୍ରିୟା ଦ୍ୱାରା ବର୍ଜ୍ୟବସ୍ତୁଗୁଡ଼ିକୁ ପୁନଃ ପ୍ରକ୍ରିୟାକରଣ କରାଯାଇ ନୂତନ ଦ୍ରବ୍ୟ ପ୍ରସ୍ତୁତ ହୋଇ ପାରିବ। ଯାହାକି ପରିବେଶ ସୁରକ୍ଷାରେ ସହାୟକ ହେବ ବୋଲି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। ଆଇଟିଆଇ ପକ୍ଷରୁ ବର୍ତ୍ତମାନ ଅଦରକାରୀ ଇଲେକ୍‌ଟ୍ରୋନିକ୍ ସରଞ୍ଜାମକୁ ବ୍ୟବହୃତ କରି ୩୦ ଫୁଟର ଆଉ ଏକ ରୋବଟ୍ ପ୍ରସ୍ତୁତ କରାଯାଉଛି। ଏହା ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ସୃଷ୍ଟି କରିବ ବୋଲି ଅଧ୍ୟକ୍ଷ କହିଛନ୍ତି।



ଉଦ୍‌ଘାଟିତ ଇ-ବର୍ଜ୍ୟବସ୍ତୁକେନ୍ଦ୍ର।


କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର କରୁଛନ୍ତି ବିଧାୟକ।

# ବିଧାୟକଙ୍କ ଭିତ୍ତିପ୍ରସ୍ତର ସ୍ଥାପନ

ପୋଲସରା,୧୭।୪(ଡି.ଏନ.ଏ.)

ପୋଲସରା ବ୍ଲକ ବନ୍ଧପଲୀ ଗ୍ରାମରେ ଶନିବାର ଏକ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ସହ ଭୂମି ପୂଜନ ହୋଇଯାଇଛି। ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ଉପାଧ୍ୟକ୍ଷା ସଞ୍ଜୁକ୍ତା ବାଡ଼ତ୍ୟା, ସୁକାନ୍ତ ଭୂୟାଁ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ, ସରପଞ୍ଚ, ସମିତିସଭ୍ୟ ପବିତ୍ର ବେହେରା, ସିପିଆଇ ପୋଲସରା ଶାଖା ଆବାହକ ଦଣ୍ଡପାଣି ସାମଲଙ୍କ ସମେତ ବହୁ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

# ନାଇଟ୍ କର୍ଫ୍ୟୁ ସଚେତନତା

କାଶୀନଗର,୧୭।୪(ଡି.ଏନ୍.ଏ.)

ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନାଇଟ୍ କର୍ଫ୍ୟୁ ନେଇ କାଶୀନଗର ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଜନସାଧାରଣଙ୍କୁ ସଚେତନ କରାଯାଇଛି। ଶନିବାରଠାରୁ ୩୦ ତାରିଖ ପର୍ଯ୍ୟନ୍ତ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ କରିବା, କୌଣସି ବ୍ୟକ୍ତି ବାହାରେ ନ ବୁଲିବା, ସମସ୍ତେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବା ଆଦି ସଚେତନତା ବାର୍ତ୍ତା ପ୍ରଚାର କରାଯାଇଛି। ଏହାକୁ ଉଲ୍ଲଂଘନ କଲେ ଦଣ୍ଡିତ କରାଯିବ ବୋଲି କାଶୀନଗର ଥାନାଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଏଥିସହ ମାସ୍କ ପିନ୍ଧି ନ ଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା।



